ମୂର୍ଖଶତକ

ଉତ୍କଳ ବୁକ୍ କୋମ୍ପାନୀ

Digitized by srujan ka@gmail.com

ମୂର୍ଖଶତକ

ଲେଖକ :—ଶ୍ରୀ ରାଧାଚରଣ ମହାପାତ୍ର
Asst. Headmaster, Asureswar
M. E. School, Cuttack.

ପ୍ରଥମ ସଂସ୍କରଣ

ପ୍ରକାଶକ :—
ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ
ମ୍ୟାନେଜର
ଉତ୍କଳ ବୁକ୍ କମ୍ପାନୀ
ଚଉଧୁରୀ ବଜାର
କଟକ
(୧୯୩୨)

ମୂଲ୍ୟ ଠ ୦ ।୵

Digitized by srujan ka@gmail.com

ମୁଖବନ୍ଧ

ସଂସ୍କୃତ ସାହିତ୍ୟରେ ସକଳ ବିଷୟରେ ଗୋଟିଏ ଲେଖାଁଏ ଶାସ୍ତ୍ର ଅଛି । ସେହିପରି ମୂର୍ଖମାନଙ୍କ ସମ୍ବନ୍ଧରେ ମଧ୍ୟ ଗୋଟିଏ ଶାସ୍ତ୍ର ପ୍ରଚଳିତ ଅଛି । ତାହାକୁ "ମୂର୍ଖଶତକ" ବୋଲାଯାଏ । ଏ ଗ୍ରନ୍ଥର ଲେଖକ କିଏ ତାହା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ; କିନ୍ତୁ ବହୁକାଳରୁ, ସମ୍ଭବତଃ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରୁ ପୁସ୍ତକଖଣ୍ଡିର ପ୍ରଚଳନ ଦେଖାଯାଏ ।

ଗ୍ରନ୍ଥଟି ପଞ୍ଚବିଂଶ ଶ୍ଳୋକ ବିଶିଷ୍ଟ ଅତି କ୍ଷୁଦ୍ର ପୁସ୍ତକ ହେଲେହେଁ ଅତ୍ୟନ୍ତ ପ୍ରୟୋଜନୀୟ । ଗୋଟିଏ ଗୋଟିଏ ଶ୍ଳୋକରେ ଗୁଛପ୍ରକାର ମୂର୍ଖର ଲକ୍ଷଣ ପ୍ରଦତ୍ତ ହୋଇଅଛି । ତାହାଛଡ଼ା ଆରମ୍ଭରେ ଗୋଟିଏ ଓ ଶେଷରେ ଗୋଟିଏ ଶ୍ଳୋକ ଉପକ୍ରମଣିକା ଓ ଉପସଂହାରସ୍ୱରୂପ ଦିଆଯାଇଅଛି । ପୁସ୍ତକଟିରୁ ବୁଝାଯାଏ, ସେ କାଳରେ ମଧ୍ୟ ଅନେକ ପ୍ରକାର ମୂର୍ଖ ଥିଲେ ଓ ମୂର୍ଖମାନଙ୍କୁ ସ୍ଥୂଳତଃ ଏକଶତ ଭାଗରେ ବିଭକ୍ତ କରାଯାଉଥିଲା । ମୂର୍ଖବ୍ୟକ୍ତି ଯେପରି ମୂର୍ଖତ୍ୱ ପରିହାରକରି ବ୍ୟବହାର-ଚତୁର ହୋଇପାରନ୍ତି ଓ ଫଳତଃ ଅଭିଜ୍ଞ ଭାବରେ ସଂସାରଯାତ୍ରା ନିର୍ବାହ କରିପାରନ୍ତି, ସେହି ଉଦ୍ଦେଶ୍ୟରେ ଏହି ଉପାଦେୟ ଗ୍ରନ୍ଥଖଣ୍ଡି ରଚିତ ହୋଇଥିଲା ।

Digitized by srujan ka@gmail.com

'ମୂର୍ଖଶତକ'ର ପ୍ରତ୍ୟେକ ଛନ୍ଦରେ ଏପରି ମୂଲ୍ୟବାନ୍ ଓ ସାରଗର୍ଭ ଉପଦେଶ ନିହିତ ଅଛି ଯେ ତାହା ସାଗ୍ର-ଜୀବନ ମନୁଷ୍ୟର କାର୍ଯ୍ୟୋପଯୋଗୀ ହୋଇପାରେ । ଏଣୁ ବଙ୍ଗଳାର ଏକ ବିଶିଷ୍ଟ 'ସାପ୍ତାହିକ ପତ୍ରିକାରୁ' ଉକ୍ତ ଶ୍ଳୋକଗୁଡ଼ିକ ସଂଗ୍ରହପୂର୍ବକ କୌତୂହଳବଶତଃ ସେଗୁଡ଼ିକୁ ଉତ୍କଳ-ଭାଷାରେ ଅନୁବାଦ କରିଥିଲି । ଦୈବାତ୍ ତାହା କେତେକ ବନ୍ଧୁଙ୍କ ହସ୍ତଗତ ହେବାରୁ ସେମାନେ ପୁସ୍ତିକାଟିକୁ ଶୀଘ୍ର ମୁଦ୍ରିତ କରାଇ ସାଧାରଣଙ୍କ ସମକ୍ଷରେ ଉପସ୍ଥାପିତ କରିବାପାଇଁ ଅନୁକୂଳ ମତ ବ୍ୟକ୍ତ କଲେ । ଏଣୁ ମୁଁ ଉକ୍ତ କାର୍ଯ୍ୟରେ ବ୍ରତୀ ହେଲି ।

ଅତଏବ ପରିଶେଷରେ ବକ୍ତବ୍ୟ ଯଦି ଏହି ପୁସ୍ତିକା-ପାଠରେ ସାଧାରଣଙ୍କର କିଞ୍ଚିତ୍ ଉପକାର ସାଧିତ ହୁଏ ତେବେ ମୁଁ ମୋର ପରିଶ୍ରମ ସାର୍ଥକ ହେଲା ବୋଲି ମନେ କରିବି । ଇତି ।

। ମୁ । ବାରିପଦା
ତା ୨୮।୫।୩୧ } ଅନୁବାଦକ

Digitized by srujan ka@gmail.com

ମୂର୍ଖଶତକ

(୧)

ସାମର୍ଥ୍ୟେ ବିଗତୋଦ୍ୟୋଗଃ

କ୍ଷମଥାଥିଲେ କି ହେବ ଚତୁର,
କରମେ ଉତ୍ସାହ ନାହିଁ ଯାହାର;
ଧନ ଅରଜିବା ଶକତି ଥାଇ,
ଦୁଃଖ-ଅଳସ୍ୟେ ଯେ ଦିନ ବଞ୍ଚଇ;
ପାଠ ପଢ଼ିବାପାଇଁ ବୁଦ୍ଧିବୃତ୍ତି,
ଥିଲେହେଁ ତହିଁ ନ ବଳଇ ମତି;
ବୃଥାରେ ଜୀବନ କରେ ଯେ ଯାପ୍ୟ,
ସଂସାରେ ଦୁଃଖ ଭୁଞ୍ଜେ ସେ ନିଷ୍ଠ୍ୟ;
ସୁଧୀଏ ତାହାକୁ ମୂର୍ଖ ବୋଲନ୍ତି,
ଜୀବନେ ତାର ନୁହଇ ଉନ୍ନତି ।

Digitized by srujan ka@gmail.com

(୨)

ସ୍ୱଶ୍ଲାଘୀ ପ୍ରାଜ୍ଞପର୍ଷଦି

ପଣ୍ଡିତ-ସଭାରେ ବସି ଯେ ଜନ,
କରଇ ନିଜ ପ୍ରଶଂସା ବର୍ଣ୍ଣନ,
ଯେତେ ଶାସ୍ତ୍ରଜ୍ଞ ହୋଇଥାଉ ସେହି,
ନିପଟ ମୂର୍ଖ ବୋଲି ତାକୁ କହି ।

(୩)

ବେଶ୍ୟାବଚସି ବିଶ୍ୱାସୀ

ବେଶ୍ୟା ବଚନେ ଯେ ବିଶ୍ୱାସ କରେ,
ଭୋଳ ହୋଇଥାଏ ତାର ପ୍ରେମରେ,
ସଂସାରେ ନ କରଇ ଦୃଷ୍ଟିପାତ,
ମୂର୍ଖ ବୋଲନ୍ତି ତାକୁ ସୁଧୀବ୍ରାତ ।

(୪)

ପ୍ରତ୍ୟୟୀ ଦମ୍ଭଡମ୍ବରେ

ଦମ୍ଭ ଆଡମ୍ବର ଦେଖି ଯେ ଜନ,
ମୂଳ ପଦାର୍ଥେ କରେ ବିସ୍ମରଣ,
ଜ୍ଞାନୀଙ୍କ ମତରେ ମୂର୍ଖ ସେ ନର,
ଚେତ ହୃଦୟେ ଏହା ବାରମ୍ବାର ।

Digitized by srujan ka@gmail.com

(୫)

ଦ୍ୟୂତାଦିବିତ୍ତବଦ୍ଧାଶଃ

ଜୁଆରେ ପାଇବ ଆଶ୍ଚର୍ଯ୍ୟ ଧନ,
ଆଶା କରି ରହିଥାଏ ଯେ ଜନ,
ମୂର୍ଖ ବୋଲନ୍ତି ତାହାକୁ ସଂସାରେ,
କେବେ ସେ ଉନ୍ନତି କରି ନ ପାରେ ।

(୬)

କୃଷ୍ୟାଦାବେଷୁ ସଂଶୟୀ

କୃଷିକାର୍ଯ୍ୟେ ଲାଭ ହେବ କି ନାହିଁ,
ସଂଶୟେ ରହୁଁ ଯେ ଶାନ୍ତି ଲଭଇ,
ସୁଧୀଏ ବୋଲନ୍ତି ତାହାକୁ ମୂର୍ଖ,
ଏ ବାଣୀ ପଢନେ ମନରେ ରଖ ।

(୭)

ନିର୍ବୁଦ୍ଧିଃ ପ୍ରୌଢ଼କାର୍ଯ୍ୟାର୍ଥୀ

ବୁଦ୍ଧି ହୀନ ବୋଲି ନିଜକୁ ଜାଣି,
ବଡ କରମେ ଯେ ଦଅଇ ପାଣି,
ସେ ଜନ ମୂର୍ଖରେ ହୁଏ ଗଣିତ,
ଗୁଣିଗଣଙ୍କର ଏମନ ମତ ।

Digitized by srujan ka@gmail.com

(୮)

ବିବକ୍ତ୍ରରସିକୋ ବଣିକ୍

ବ୍ୟବସାୟୀ ହୋଇ ନୁହେଁ ରସିକ,
ଏମନ୍ତ ଜନକୁ ବୋଲନ୍ତି ମୂର୍ଖ ।

(୯)

ଋଣେନ ସ୍ଥାବରକ୍ରେତା

କରଜ କରି ଯେ ସ୍ଥାବରବସ୍ତୁ,
କିଣଇ ସେ ଜନ ମୂର୍ଖ ନିଶ୍ଚିତ;
ମୂଳ କଳନ୍ତର ହୋଇ ବର୍ଦ୍ଧିତ,
ଅବଶେଷେ ଯାଏ ସମସ୍ତ ବସ୍ତୁ ।

(୧୦)

ସ୍ଥବିରଃ କନ୍ୟକାବରଃ

ଯେ ବୃଦ୍ଧ ବିବାହ କରଇ ତରୁଣୀ,
ରଖଇ ଆପଣା ସଦନେ ଆଣି;
ମୂର୍ଖସମାଜେ ସେ ଅଟେ ଅଗ୍ରଣୀ,
ପ୍ରବୀଣମାନଙ୍କ ଏମନ୍ତ ବାଣୀ ।

Digitized by srujan ka@gmail.com

(୧୧)

ବ୍ୟାଖ୍ୟାତା ଗୃଶ୍ରତୋଗ୍ରନ୍ଥେ

ଅଜଣା ଗ୍ରନ୍ଥ ବୁଝାଇବାପାଇଁ,
ଯେଉଁ ଜନ ହାଦେ ଚେଷ୍ଟା କରଇ,
ମୂର୍ଖ ବୋଲି ତାକୁ ବୋଲନ୍ତି ନରେ,
ଯେଣୁ ଅସାଧ କର୍ମ ସେ ଅଚରେ ।

(୧୨)

ପ୍ରତ୍ୟକ୍ଷାର୍ଥେ ଅପହ୍ନବୀ

ପ୍ରତ୍ୟକ୍ଷ ଘଟଣା ଦେଖି ଯେ ଜନ,
ପ୍ରତ୍ୟୟ ନ କରଇ କଦାଚନ,
ମୂର୍ଖଜନ ତାଙ୍କୁ ବୋଲି ସଂସାରେ,
ପ୍ରବୀଣ ସୁଧୀସମାଜ ମତରେ ।

(୧୩)

ଚପଳାପତିରୀର୍ଷ୍ୟାଲୁଃ

କୁଲଟା ବିବାହ କରି ଯେ ନର,
ନାରୀଠାରେ କରେ ହିଂସାଭେଷର,
ମହାମୂର୍ଖ ଜନ ବୋଲି ତାହାକୁ,
ମନେ ରଖ ସର୍ବେ ଏହି କଥାକୁ ।

Digitized by srujan ka@gmail.com

(୧୪)

ଶକ୍ତଶତ୍ରୁରଶଙ୍କିତଃ

ପ୍ରବଳ ଶତ୍ରୁ ଥିବା କଥା ଜାଣି,
ନିର୍ଭୟେ କାଳ କାଟଇ ଯେ ପୁଣି,
ତାହାକୁ ମୂର୍ଖ ବୋଲନ୍ତି ଜଗତେ,
ନ ସଂଶୋଧିବ ଏହା କଦାଚତେ ।

(୧୫)

ଦତ୍ତ୍ୱାଧନାନ୍ୟନୁଶୟୀ

ଧନ ଦାନ କରି ସାରି ଯେ ଜନ,
ପରେ କରଇ ତାଂ ଅନୁଶୋଚନ,
ମୂର୍ଖ ମଧ୍ୟରେ ସେ ହୁଅଇ ଗଣା,
ସାଧୁଜନଙ୍କର ଏହି ଧାରଣା ।

(୧୬)

କବିନା ହଠପାଠକଃ

ଅପଣ୍ଡିତ ହୋଇ ଯେବଣ ନର,
ପଣ୍ଡିତ ସଙ୍ଗ, କରି ହଠକାର,
ତର୍କ-ବିତର୍କେ ହୁଅଇ ପ୍ରବୃତ୍ତ,
ମୂର୍ଖ ମଧ୍ୟରେ ସେ ପରିଗଣିତ ।

Digitized by srujan ka@gmail.com

(୧୭)

ଅପ୍ରସ୍ତାବେ ପଟୁବକ୍ତା

ହେତୁ ବା ବସ୍ତୁ କିଛିହିଁ ନାହିଁ,
ବୃଥାରେ ଯେ ଜନ ଗଳ୍ପ କରଇ,
ଗଣ୍ଡମୂର୍ଖ ବୋଲି ତାହାକୁ ଭଣି,
ସଂସାରେ ସେ କିସ କରିବ ପୁଣି ?

(୧୮)

ପ୍ରସ୍ତାବେ ମୌନକାରକଃ

ପ୍ରସଙ୍ଗ ବା ହେତୁ ପଡ଼ିବାବେଳେ,
କଥା ନ କହି ଯେ ମୌନ ଆଚରେ,
ମୂର୍ଖସମାଜେ ସେ ପରିଗଣିତ,
ନୁହଇ ଏହା ସୁଧୀଜନମତ ।

(୧୯)

ଲାଭକାଳେ କଳହକୃତ୍

ଲାଭ ସମୟ ଉପସ୍ଥିତ ହେଲେ,
ଲାଭଦାତା ସଙ୍ଗେ କଳି ଯେ କରେ,
ଫଳରେ ଲାଭପଥ ରୋଧ କରେ,
ମୂର୍ଖ ତାଙ୍କୁ ବୋଲିଥାନ୍ତି ସଂସାରେ ।

Digitized by srujan ka@gmail.com

(୨୦)

ମନୁଷ୍ୟମାନ୍ ଭୋଜନକ୍ଷଣେ

ଭୋଜନ କାଳେ ଯେ କ୍ରୋଧ-ଅନଳେ,
ଜଳେ, ମୂର୍ଖ ତାକୁ ବୋଲନ୍ତି ଭୂତଳେ ।

(୨୧)

କୀର୍ତ୍ତ୍ୟର୍ଥଃ ସ୍ୱଳ୍ପଲାଭେନ

ସାମାନ୍ୟ ଲାଭ ପାଇଁ ଯେଉଁ ଜନ,
ବ୍ୟୟ କରିଥାଏ ଅଜସ୍ର (ବିପୁଳ) ଧନ;
ତାହାକୁ ସାଧୁଏ ବୋଲନ୍ତି ମୂର୍ଖ,
ଏହା ନୀତିଜାଣୀ ମନରେ ରଖ ।

(୨୨)

ଲୋକୋକ୍ତୌ କ୍ଲିଷ୍ଟସଂବୃତଃ

ଲୋକ ବାକ୍ୟରେ ଯେ ହୁଏ ବ୍ୟଥିତ,
ମୂର୍ଖ ନାମରେ ସେ ସଦା କଥିତ ।

Digitized by srujan ka@gmail.com

(୧୩)

ପୁତ୍ରାଧୀନେ ଧନେ ଦୀନଃ

ପୁତ୍ରହାତେ ଯଥାସର୍ବସ୍ୱ ଦେଇ,
ଶେଷେ ଯେ ବନ୍ଧୁ ଯାଚନା ଭୁଞ୍ଜଇ,
ମୂର୍ଖ ବୋଲି ଗଣ୍ୟ ହୁଏ ସେ ନରେ,
ରଖିଥିବ ଏହା ସ୍ମୃତି ପଥରେ ।

(୧୪)

ପତ୍ନ୍ୟାଦତ୍ତାର୍ଥଯାଚକଃ

କୌଣସି ପଦାର୍ଥ ଅଥବ ଧନ,
ପତ୍ନୀକି ଥରେ କରି ସମର୍ପଣ,
ପୁଣି ତାହାଠାରୁ ମାଗଇ ଯେହୁ,
ମୂର୍ଖ ସମାଜେ ଗଣ୍ୟ ହୁଏ ସେହୁ ।

(୧୫)

ଭାର୍ଯ୍ୟାଖେଦାତ୍ କୃତୋଦ୍ୱାହଃ

ଏକ ପତ୍ନୀଠାରେ ବିରକ୍ତ ହୋଇ,
ସୁଖଲଭେ ଯେ ଅନ୍ୟଦାର ବହି,
ମୂର୍ଖ ସମାଜେ ସେ ହୁଅଇ ଗଣା,
ସୁଧୀଗଣଙ୍କର ଏହି ଧାରଣା ।

Digitized by srujan ka@gmail.com

(୨୭)

ପୁତ୍ରକୋପାତ୍ ତଦନ୍ତକଃ

ପୁତ୍ରଠାରେ କର କୋପ ପ୍ରକାଶ,
ପଶ୍ଚେଣ ତାକୁ ଯେ କରଇ ନାଶ,
ମୂର୍ଖ ବୋଲି ଗଣ୍ୟ ହୁଏ ସେ ଭବେ,
ସନ୍ଦେହ ନ କର ଏଥିରେ ଲବେ ।

(୨୭)

କାମୁକ ସ୍ଵର୍ଣ୍ଣ ଦାତା

କାମୀଜନ ସଙ୍ଗେ ଦ୍ଵନ୍ଦ୍ଵ ଲଗାଇ,
ବେଶ୍ୟା ଅଧିକେ ଯେ ଧନ ଅର୍ପଇ,
ମୂର୍ଖଶ୍ରେଣୀଭୁକ୍ତ ହୁଏ ସେ ଜନ,
କର ସଦା ଏହୁ ନୀତି ମୂଳଣ ।

(୨୮)

ଗର୍ବବାନ୍ ମାର୍ଗଣୋକ୍ତିଭିଃ

କୃପାକାମୀ ସ୍ତୁତିବାକ୍ୟ ଯେ ଜନ,
ଅପଣାକୁ କରେ ଗର୍ବିତ ଜ୍ଞାନ,
ସେ ଜନ ମୂର୍ଖ ବୋଲାଇ ଜଗତେ,
ସୁଧୀ ସମାଜର ଉପଦେଶ ମତେ ।

Digitized by srujan ka@gmail.com

(୨୯)

ଧୀଦର୍ପାନ୍ନ ହିତଶ୍ରୋତା

ନିଜକୁ ବୁଦ୍ଧିମନ୍ତ ବୋଲି ଜାଣି,
ଦର୍ପେ ଯେ ହିତବଚନ ନ ଶୁଣି,
ବିପଦ-ଖାତେ ସେ ହୁଏ ପତିତ,
ମୂର୍ଖ ସମାନେ ସେ ପରିଗଣିତ ।

(୩୦)

କୁଲୋତ୍ପ୍ରେକ୍ଷାଦସେବକଃ

କୁଳଗର୍ବେ ସ୍ଫୀତ ହୋଇ ଯେ ଜନ,
ମନ ମଧ୍ୟେ ଘୃଣା କରି ପୋଷଣ,
ପ୍ରୟୋଜନେ ବି ନ କରେ ଗ୍ରହଣ,
ସେବକ ପଦ, ମୂର୍ଖ ତାକୁ ଜେନ ।

(୩୧)

ଦତ୍ତ୍ୱାର୍ଥାନ୍ ଦୁର୍ଲ୍ଲଭାନ୍ କାମୀ

ଦୁର୍ଲ୍ଲଭ ପଦାର୍ଥ ଦେଇ ଯେ ନର,
କାମ ଚରିତାର୍ଥ କରେ ନିଜର,
ତାହାକୁ ଗୋମୂର୍ଖ ବୋଲି ସଂସାରେ,
ନ ଭୁଲିବ ଏହା କୌଣସି କାଳେ ।

(୩୨)

ଦତ୍ତ୍ୱା ଶୁଳ୍କମମାର୍ଗଗଃ

ଯେଉଁ ବଣିକ ନିଜ ପଣ୍ୟୋପର,
ନ୍ୟାଯ୍ୟ ରାଜଶୁଳ୍କ ଅର୍ପଣ କରି,
ଗୁପ୍ତ ପଥେ ଯାଇ ଅନର୍ଥ କରେ,
ମୂର୍ଖ ତାହାକୁ ବୋଲନ୍ତି ସକଳେ ।

(୩୩)

ଲୁବ୍ଧେ ଭୂଭୁଜି ଲଭାର୍ଥୀ

ଯେ ଜନ ନୃପ ଅତିଲୋଭୀ ଜାଣି,
ତା'ଠାରୁ ଲାଭ ଆଶା କରେ ପୁଣି,
ମହାମୂର୍ଖ ଭବେ ବୋଲାଏ ସେହି,
ମନେ ରଖ ସର୍ବେ ଏକଥା ଭାଇ ।

(୩୪)

ନ୍ୟାୟାର୍ଥୀ ଦୁଷ୍ଟଶାସ୍ତରି

ଯହିଁ ଶାସକ ଦୁଷ୍ଟ ଅତ୍ୟାଚାରୀ,
ନ୍ୟାୟ ବିଚାର ତହିଁ ଆଶା କରି,
ବସି ରହିଥାଏ ଯେବଣ ଜନ,
ମହାମୂର୍ଖ ବୋଲି ତାହାକୁ ଦେନ ।

Digitized by srujan ka@gmail.com

(୩୫)

* କାୟସ୍ଥେ ସ୍ନେହବନ୍ଧାଙ୍ଗଃ

କାୟସ୍ଥ ସ୍ନେହେ ନିର୍ଭର କରଣ,
ହୃଦେ ଆଶା ପୋଷିଥାଏ ଯେ ଜନ,
ମୂର୍ଖ ସମାଜେ ସେ ହୁଏ ଗଣିତ,
ଏସନ ସାଧୁଜନଙ୍କର ମତ ।

(୩୬)

କ୍ରୂରେ ମନ୍ତ୍ରିଣି ନିର୍ଭୟଃ

ରାଜ୍ୟ ମନ୍ତ୍ରୀଙ୍କି କ୍ରୂର କର୍ମା ଜାଣି,
ନିର୍ଭୟେ ରାଜ୍ୟେ ଯେ ବସେରେ ପୁଣି,
ମହାମୂର୍ଖ ବୋଲି ଜାଣିବ ତାକୁ,
କେବେହେଁ ନ ଭୁଲିବ ଏହି କଥାକୁ ।

* ଏଠାରେ କାୟସ୍ଥ ପଦଦ୍ୱାର ରାଜକର୍ମଚାରୀଙ୍କି ବୁଝାଉ ଅଛି । ବିଶେଷତଃ ସେଉଁମାନେ ପ୍ରଜାମାନଙ୍କଠାରୁ ଖଜଣା ଅଦାୟ କରନ୍ତି । ଏମାନେ ପ୍ରଜାମାନଙ୍କ ଉପରେ ଅତି-ରିକ୍ତ ଉତ୍ପୀଡ଼ନ କରୁଥିଲେ ଏବଂ ବଡ଼ ଅତ୍ୟାଚାରୀ ଥିଲେ । ଅତଏବ ସେମାନଙ୍କଠାରୁ ସ୍ନେହ ବା ଦୟା ଆଶା କରିବା ମୂର୍ଖତାର ପରିଚାୟକ ।

Digitized by srujan ka@gmail.com

(୩୭)

କୃତଘ୍ନ ପ୍ରତିକାର୍ଯାର୍ଥୀ

କୃତଘ୍ନର ଉପକାର ନିମତ୍ତ ।
ଯେ ଜନ ବ୍ୟଗ୍ର ହୁଅଇ ସତତ ॥
ଗଣ୍ଡମୂର୍ଖ ବୋଲି ତାକୁ ଜାଣିବ ।
ମନୁ ତାହା କେଭେ ନ ପାଶୋରିବ ।

(୩୮)

ନୀରସେ ଗୁଣବିକ୍ରୟୀ

ରସ ଗ୍ରହଣ କରି ଯେ ନ ଜାଣେ ।
ତା' ପାଖେ ଯେ ନିଜ ଗୁଣ ବଖାଣେ ॥
ମୂର୍ଖ ଅଖ୍ୟା ପାଇଥାଇ ସେ ନର ।
ସାଧୁ ଜନଙ୍କର ଏମନ ଗିର ।

(୩୯)

ସ୍ୱାସ୍ଥ୍ୟେ ବୈଦ୍ୟକ୍ରିୟାନ୍ୱେଷୀ

ସୁସ୍ଥ ଅବସ୍ଥାରେ ଥାଇ ଯେ ନର,
ନାନା ଭେଷଜ କରି ବ୍ୟବହାର ।
ଶରୀର ଯନ୍ତ୍ର ବିକୃତ କରଇ,
ଗଣ୍ଡମୂର୍ଖ ବୋଲି ତାହାଙ୍କୁ କହ ॥

Digitized by srujan ka@gmail.com

(୪୦)

ରୋଗୀ ପଥ୍ୟପରାଙ୍ମୁଖ

ଯେଉଁ ରୋଗୀ ରୋଗଭୋଗ କାଳରେ
ପଥ୍ୟ ସେବନ ନ କରୁ ବିଧିରେ
ନିଜ ମନୋହର ଭୋଜନ କରି
ବିପଦରାଶିକୁ ଆଣଇ ବରି,
ମୂର୍ଖସମାଜେ ସେ ହୁଅଇ ଗଣା
ସାଧୁଗଣଙ୍କର ଏହି ଧାରଣା ।

(୪୧)

ଲୋଭେନ ସ୍ୱଜନତ୍ୟାଗୀ

ଲୋଭବଶେ ଯେଉଁ ଯେବଣ ଜନ
ତ୍ୟାଗକରେ ନିଜ ଆତ୍ମୀୟ ଜନ
ସୁଧୀଏ ମୂର୍ଖ ବୋଲନ୍ତି ତାହାକୁ
ପାଶୋରିବ ନାହିଁ ଏହି କଥାକୁ ।

(୪୨)

ବାଗ୍ଭି ମିତ୍ରବିରାଗକୃତ୍

କର୍କଶ ବଚନ ଭାଷି ଯେ ଜନ
ବନ୍ଧୁ ସହି ସାଧେ ମନୋମାଳିନ୍ୟ,

Digitized by srujan ka@gmail.com

ମୂର୍ଖ ନାମେ ଯେହ୍ନ ହୁଏ ବଦ୍ଧତ,
ଏମନ ସୁଧୀସମାଜର ମତ ।

(୪୩)

ଲାଭକାଳେ କୃତାଳସ୍ୟଃ

ଲାଭସମୟ ଆଗତ ଦେଖିଣ,
ଆଳସ୍ୟେ ଧନ କଟାଏ ଯେ ଜନ
ମୂର୍ଖଜନ ମଧ୍ୟେ ତାହାକୁ ଗଣି,
ପଣ୍ଡିତଗଣଙ୍କ ଏମନ ବାଣୀ ।

(୪୪)

ମହର୍ଦ୍ଧିଃ କଳହପ୍ରିୟଃ

ବିପୁଳ ବିତ୍ତ ଅଧିକାରୀ ହୋଇ
ସ୍ୱଳ୍ପ ଅର୍ଥପାଇଁ କଳି କରଇ
ଯେ ଜନ, ତାକୁ ମୂର୍ଖ ବୋଲି ଜାଣି,
ପଣ୍ଡିତଗଣଙ୍କ ଏମନ ବାଣୀ ।

(୪୫)

ରାଜ୍ୟାର୍ଥୀ ଗଣକସେବ୍ୟାଦକ୍ତଃ

ଗଣକମୁଖୁଁ ରାଜଯୋଗବାର୍ତ୍ତା
ଶୁଣି ଚିତ୍ତରେ ସ୍ଥାପି ପୂର୍ଣ୍ଣ ଆସ୍ଥା,

Digitized by srujan ka@gmail.com

ବସିଥାଏ ଯେହ୍ନେ ରାଜ୍ୟଅଗ୍ରରେ,
ମୂର୍ଖଜନ ତାକୁ ବୋଲନ୍ତି ହଂସରେ ।

(୪୬)

ମୂର୍ଖମଧ୍ୟେ କୃତାଦରଃ

ମୂର୍ଖଜନ ପରାମର୍ଶ ଘେନଣ
ଯେ ଜନ କର୍ମ କରେ ଅନୁଷ୍ଠାନ
ପଡ଼ଇ ଘୋର ବିପଦେ ସେହିଛ,
ମୂର୍ଖ ମଧ୍ୟରେ ସେ ପଡ଼ଇଗଣିଛ ।

(୪୭)

ମୂଢ଼ୋ ଦୁର୍ବଳବାଧ୍ୟଃ

ଦୁର୍ବଳ ପ୍ରତି କର ଅତ୍ୟାଚାର
ବୋଲଏ ନିଜକୁ ଯେ ମହାବୀର
ମୂର୍ଖଶ୍ରେଣୀଭୁକ୍ତ ହୁଏ ସେ ଜନ,
ପଣ୍ଡିତଗଣଙ୍କ ଉକ୍ତି ଏହନ ।

(୪୮)

ଦୁଷ୍ଟଦୋଷାଙ୍ଗୀକାରତଃ

ଯେଉଁ କାମିନୀର ଚରିତ୍ରଦୋଷ
ଥରେ ମାତ୍ର ପାଇଅଛି ପ୍ରକାଶ

Digitized by srujan ka@gmail.com

ତାହାଙ୍କ ସ୍ପୃହା ଯେବଣ ନାହି
ଅତ୍ୟନ୍ତ ହୁଏ ସେହି ନାହିଁଠାରେ,
ମୂର୍ଖମାନଙ୍କେ ସେ ହୁଏ ଗଣିତ,
ଏମନ୍ତ ଅଟେ ସୁଧୀଜନମତ ।

(୪୯)

କ୍ଷଣରାଗୀ ଗୁଣାଭ୍ୟାସେ

ଶିଳ୍ପକାର୍ଯ୍ୟ ବା ଗୁଣ ଅଭ୍ୟାସରେ
ଯାର ଅତ୍ୟନ୍ତ ଅଳପ କାଳରେ
ହୁଏ ବଲୀନ, ମୂର୍ଖ ବୋଲନ୍ତି ତାକୁ,
ମନେ ରଙ୍ଗ ବୋଧ ବୁଦ୍ଧି କଥାକୁ ।

(୫୦)

ସଞ୍ଚୟୈର୍ଦୈନ୍ୟଃ କୃତବ୍ୟୟଃ

ପିତୃପିତାମହ-ସଞ୍ଚିତ ଧନ
ବୃଥାରେ ବ୍ୟୟ କରଇ ଯେ ଜନ
ମୂର୍ଖଜନ ତାକୁ ବୋଲନ୍ତି ସଂସାରେ,
ଗୁଣିଗଣଙ୍କ ଉକ୍ତି ଅନୁସାରେ ।

Digitized by srujan ka@gmail.com

(୬୧)

ନୃପାନୁକାରୀ ମାନେନ

ସକଳେ କହନ୍ତେ ବୋଲି ସମାନ
ଗରବେ ନୃପତି-ବେଶ-ଭୂଷଣ
ଅନୁକରଣ କରଇ ଯେ ନର
ଗଣ୍ଡମୂର୍ଖ ବୋଲି ତାକୁ ବିଚାର ।

(୬୨)

ଜନେ ରାଜାଦିନିନ୍ଦକଃ

ଯେଉଁ ବ୍ୟକ୍ତି ସର୍ବଜନ ଅଗରେ
ରାଜାମନ୍ତ୍ରୀଙ୍କର ନିନ୍ଦା ଆଚରେ
ମୂର୍ଖଜନମଧ୍ୟେ ହୁଏ ସେ ଗଣା,
ଜ୍ଞାନୀଜନଙ୍କର ଏହୁ ଧାରଣା ।

(୬୩)

ଦୁଃଖେ ଦର୍ଶିତଦୈନ୍ୟାର୍ତ୍ତିଃ

ଦୁଃଖ ବା ଦାରିଦ୍ର୍ୟ ପଡ଼ି ଯେ ନର
ସବୁରି ଆଗେ କହେ ତା' ଦୁଃଖର
ମୂର୍ଖ ଜନ ବୋଲି ଜାଣିବ ତାକୁ,
ମନେ ରଖିଥିବ ଏହି କଥାକୁ ।

Digitized by srujan ka@gmail.com

(୫୪)

ସୁଖେ ବିସ୍ମୃତଦୁର୍ଗତିଃ

ସୁଖ ସମ୍ପଦ ଆସିଲେ ଯାହାର
ପୂର୍ବ କଷ୍ଟକଥା ଯାଏ ପାଶୋର
ମୂର୍ଖଜନ ବୋଲି ତାହାକୁ ଜାଣି,
ସୁଧୀଜନଙ୍କର ଏସନ ବାଣୀ ।

(୫୫)

ବହୁବ୍ୟୟୋଽଳ୍ପରକ୍ଷାର୍ଥଂ

ସାମାନ୍ୟ ପଦାର୍ଥ ରକ୍ଷଣ ପାଇଁ
ପ୍ରଚୁର ଧନ ଯେ ବ୍ୟୟ କରଇ
ମୂର୍ଖନର ବୋଲି ଭଣିବ ତାକୁ,
ପାଶୋରିବ ନାହିଁ ଏହି କଥାକୁ ।

(୫୬)

ପରୀକ୍ଷାର୍ଥେ ବିଷାଶନଃ

ବିଷ ଖାଇଲେ କି ହୁଏ ଶରୀରେ
ପରୀକ୍ଷା କରିବା ପାଇଁ ଯେ ନରେ
କୁତୂହଳୀ ହୋଇ ବିଷ ଭକ୍ଷିଣ
ବିପଦ ଆପେ କରନ୍ତି ବରଣ

Digitized by srujan ka@gmail.com

ପଣ୍ଡିତେ ତାହାଙ୍କୁ ମୂର୍ଖ ନାମରେ
ଅଭିହିତ କରିଥାନ୍ତି ଲୋକରେ ।

(୪୭)

ଦଗ୍ଧାର୍ଥୋ ଧାତୁବାଦେନ

ନଷ୍ଟ ଧାତୁରୁ ସୁନା ବାହାର
କରିବା ପାଇଁ ଚେଷ୍ଟାରେ ଯେ ନର
ଆପଣା ଅର୍ଥ କରେ ଭସ୍ମୀଭୂତ,
ମୂର୍ଖ ବୋଲନ୍ତି ତାଙ୍କୁ ସୁଧୀବ୍ରତ ।

(୪୮)

ରସାୟନୈ ରସକ୍ଷୟୀ

ରସାୟନ ଆଦି ତତ୍ତ୍ୱ ଭେଷଜ
ସେବନ କରି ଯେ ଶରୀର ଓଜଃ
ନଷ୍ଟ କରେ ତାଙ୍କୁ ପଣ୍ଡିତଗଣ
ମୂର୍ଖ ମଧ୍ୟରେ କରନ୍ତି ଗଣନ ।

(୪୯)

ଆତ୍ମସମ୍ଭାବନାସ୍ତବ୍ଧଃ

ନିଜକୁ ଜଣେ ଅଧ୍ୟ ବଡଜନ
ଅବା ପଣ୍ଡିତ ବୋଲି ବିଚାରଣ

ସଦା ଫୁଲ୍ଲଥାଏ ଯେଉଣ ଲୋକ
ସଂସାର ମଧ୍ୟରେ ସେହିଟି ମୂର୍ଖ ।

(୭୦)

କ୍ରୋଧାଦାତ୍ମବଧୋଦ୍ୟତଃ

କ୍ରୋଧବଶେ ଯେ ହୁଏ ଆତ୍ମଘାତୀ
ସାଧୁଏ ମୂର୍ଖ ତାହାକୁ ବୋଲନ୍ତି ।

(୭୧)

ନିତ୍ୟଂ ନିଷ୍ଫଳସଞ୍ଚାରୀ

କିଛିହିଁ କର୍ମ ଯାହାର ନ ଥାଇ
ବୁଲପଣ ସଦା ଘୂରି ବୁଲଇ
ମୂର୍ଖସମାଜେ ସେ ହୁଏ ଗଣିତ
ଏମନ୍ତ ସାଧୁଜନଙ୍କର ମତ ।

(୭୨)

ଯୁଦ୍ଧପ୍ରେକ୍ଷୀ ଶରାହତଃ

ଯୁଦ୍ଧ କରିବାକୁ ଯାଇ ଯେ ନର
ଶରାଘାତ ପାଇ ରଣକୌଶଳ
ଦେଖୁଥାଏ, ତାକୁ ବୋଲନ୍ତି ମୂର୍ଖ,
ଏହି କଥାଟିକୁ ମନରେ ରଖ ।

Digitized by srujan ka@gmail.com

(୭୩)

ଶସ୍ତ୍ରୀ ଶତ୍ରୁବିରୋଧେନ

ବଳୀ ଶତ୍ରୁ ସଙ୍ଗେ ବିରୋଧ କରି
ନିଶ୍ଚିନ୍ତମନେ ଯେ ସଦା ଅଚଳ
ପଣ୍ଡିତେ ମୂର୍ଖ ବୋଲନ୍ତି ତାହାଙ୍କୁ,
ମନେ ରଖିଥିବ ଏହି କଥାକୁ ।

(୭୪)

ସ୍ୱଳ୍ପାର୍ଥଃ ସ୍ଫୀତଡମ୍ବରଃ

ଅତିଅଳ୍ପ ଅର୍ଥ କରି ଯେ ନର
ଦେଖାଏ ଲୋକେ ବହୁ ଆଡ଼ମ୍ବର
ମୂର୍ଖନାମରେ ସେ ହୁଏ ବିଦିତ,
ଏମନ ପଣ୍ଡିତସମାଜମତ ।

(୭୫)

ପଣ୍ଡିତୋଽସ୍ମୀତି ବାଚାଳଃ

ନିଜକୁ ପଣ୍ଡିତ ମଣି ଯେ ଜନ
ସଦା ପ୍ରକାଶଇ ବାଚାଳପଣ,
ଜ୍ଞାନୀ ହେଲେ ମଧ୍ୟ ମୂର୍ଖ ନାମରେ
ଅଭିହିତ ହୋଇଥାଏ ଲୋକରେ ।

Digitized by srujan ka@gmail.com

ସଦା ଫୁଲ୍ଲଥାଏ ଯେବଣ ଲୋକ
ସଂସାର ମଧ୍ୟରେ ସେହିଟି ମୂର୍ଖ ।

(୨୦)

କ୍ରୋଧାଦାତ୍ମବଧୋଦ୍ୟତଃ

କ୍ରୋଧବଶେ ଯେ ହୁଏ ଆତ୍ମଘାତୀ
ସାଧୁଏ ମୂର୍ଖ ତାହାକୁ ବୋଲନ୍ତି ।

(୨୧)

ନିତ୍ୟଂ ନିଷ୍ଫଳସଞ୍ଚାରୀ

କିଛିହିଁ କାର୍ଯ୍ୟ ଯାହାର ନ ଥାଇ
ବୁଲୁଥାଇ ସଦା ଘୂରି ବୁଲଇ
ମୂର୍ଖସମାଜେ ସେ ହୁଏ ଗଣିତ
ଏମନ୍ତ ସାଧୁଜନଙ୍କର ମତ ।

(୨୨)

ଯୁଦ୍ଧପ୍ରେକ୍ଷୀ ଶରାହତଃ

ଯୁଦ୍ଧ କରିବାକୁ ଯାଇ ଯେ ନର
ଶସ୍ତ୍ରଘାତ ପାଇ ରଣକୌଶଳ
ଦେଖୁଥାଏ, ତାକୁ ବୋଲନ୍ତି ମୂର୍ଖ,
ଏହି କଥାଟିକି ମନରେ ରଖ ।

Digitized by srujan ka@gmail.com

(୭୩)

ଶସ୍ତ୍ରୀ ଶସ୍ତ୍ରବିରୋଧେନ

ବଳୀ ଶତ୍ରୁ ସଙ୍ଗେ ବିରୋଧ କରି
ନିଜ ମିତ୍ରମାନେ ଯେ ନିନ୍ଦା ଆଚରି
ପଣ୍ଡିତେ ମୂର୍ଖ ବୋଲନ୍ତି ତାହାକୁ,
ମନେ ରଖିଥିବ ଏହି କଥାକୁ ।

(୭୪)

ସ୍ୱଳ୍ପାର୍ଥଃ ସ୍ଫୀତଡମ୍ବରଃ

ଅତିଅଳ୍ପ ଅର୍ଥ କରି ଯେ ନର
ଦେଖାଏ ଲୋକେ ବହୁ ଆଡ଼ମ୍ବର
ମୂର୍ଖନାମରେ ସେ ହୁଏ ବିଦିତ,
ଏପରି ପଣ୍ଡିତସମାଜମତ ।

(୭୫)

ପଣ୍ଡିତୋଽସ୍ମୀତି ବାଚାଳଃ

ନିଜକୁ ପଣ୍ଡିତ ମଣି ଯେ ଜନ
ସଦା ପ୍ରକାଶଇ ବାଚାଳପଣ,
ଜ୍ଞାନୀ ହେଲେ ମଧ୍ୟ ମୂର୍ଖ ନାମରେ
ଅଭିହିତ ହୋଇଥାଏ ଲୋକରେ ।

Digitized by srujan ka@gmail.com

(୬୬)

ସୁଭଟୋଽସ୍ମୀତି ନିର୍ଭୟଃ

ଆପଣାକୁ ବଡ଼ ଯୋଦ୍ଧା ଭାବଣ,
ନିର୍ଭୟେ ଯେହୁ କରେ ବରଣ,
ମୂର୍ଖଶ୍ରେଣୀଭୁକ୍ତ ହୁଏ ସେ ନର,
ପଣ୍ଡିତମାନଙ୍କ ଏସନ ଗିର ।

(୬୭)

ପ୍ରଫୁଲ୍ଲିତୋଽତି ସ୍ତୁତିଭିଃ

ଖୁଣ୍ଟକାର ତୋଷାମଦ ବଚନ
ଶୁଣି ଆହ୍ଲାଦିତ ହୁଏ ଯେ ଜନ,
ତାହାକୁ ବୋକା ବୋଲନ୍ତି ସଂସାରେ,
ମନେ ରଖିଥିବ ଏସନ ଗିରେ ।

(୬୮)

ମର୍ମ୍ମଭେଦୀ ସ୍ମିତୋକ୍ତିଭିଃ

କେହୁ ଉପହାସ କଥା କହିଲେ
ମର୍ମ୍ମଭେଦୀ ବାଣୀ ଯେ ତାଙ୍କୁ ବୋଲେ,
ଗଜମୂର୍ଖ ବୋଲି ବୋଲନ୍ତି ତାକୁ,
ମନେ ରଖ ସର୍ବେ ଏହି କଥାକୁ ।

Digitized by srujan ka@gmail.com

(୬୯)

ଦରିଦ୍ରହସ୍ତନ୍ୟସ୍ତାର୍ଥଃ

ଅଛି ଦରିଦ୍ର ହାତେ ଯେଉଁ ନର
ଧନଗଚ୍ଛିତ ରଖେ ଆପଣାର
ତାହାକୁ ଶତ୍ରମୂର୍ଖ ବୋଲି କହ,
ଏ ବାଣୀ ସଦା ମନେରଖ ଭାଇ ।

(୭୦)

ସନ୍ଦିଗ୍ଧେଽର୍ଥେ କୃତନିଶ୍ଚୟଃ

ଯେଉଁ କାର୍ଯ୍ୟ-ସଫଳତା ବିଷୟେ
ମାନବେ ବିଶେଷ ସନ୍ଦେହ ଥାଏ
ସେଥିରେ ନିଶ୍ଚୟ କରଇ ଯେ ଧନ
ମହାମୂର୍ଖ ବୋଲି ତାହାକୁ ଜାଣ ।

(୭୧)

ସବ୍ୟୟେ ଲେଖ୍ୟକାଳସ୍ୟଃ

ଆପଣା ଜମାଖରଚ ଲେଖାରେ
ଯେଉଁ ଜନ ସଦା ଆଳସ୍ୟ କରେ
ମୂର୍ଖ ନାମରେ ସେ ହୁଏ ବିଦିତ,
ସାଧୁଜନଙ୍କର ଏହିନ ମତ ।

Digitized by srujan ka@gmail.com

(୭୨)

ଦୈବବଶାତ୍ ତ୍ୟକ୍ତପୌରୁଷଃ

ଦୈବ ଉପରେ ଯେ କରି ନିର୍ଭର
ଅବହେଳା କରେ ପୁରୁଷକାର,
ବାଧିତ ହୁଏ ଯେ ମୂର୍ଖନାମରେ
ପ୍ରବୀଣ ସୁଧୀସମାଜ-ମଣ୍ଡଳରେ ।

(୭୩)

ଗୋଷ୍ଠୀରତିର୍ଦରିଦ୍ରଶ୍ଚ

ଦରିଦ୍ର ହୋଇ ବଡ଼ଲୋକ ସଙ୍ଗେ
ଉଚ୍ଚସମାଜେ ଯେ ମିଶଇ ରଙ୍ଗେ
ସାଧୁଏ ମୂର୍ଖ ବୋଲନ୍ତି ତାହାକୁ,
ମନେ ରଖ ସଦା ଏହି କଥାକୁ ।

(୭୪)

ଦୈନ୍ୟେ ବିସ୍ମୃତଭୋଜନଃ

ଶୋକ ଅବା ତାପ ହେତୁ ଯେ ଜନ
ଆହାର କଥା କରେ ବିସ୍ମରଣ
ତାହାକୁ ମୂର୍ଖ ବୋଲନ୍ତି ସଂସାରେ,
ମନେ ରଖିଥିବ ଏ ନୀତି-ଗିରେ ।

Digitized by srujan ka@gmail.com

(୭୫)

ଗୁଣହୀନଃ କୁଳଶ୍ଳାଘୀ

ଗୁଣହୀନ ହୋଇ ଯେବଣ ନର
କୁଳପ୍ରଶଂସା କରଇ ନିଜର
କପଟ ମୂର୍ଖ ବୋଲନ୍ତି ତାହାକୁ,
ମନେ ରଖିଥିବ ଏହି କଥାକୁ ।

(୭୬)

ଗୀତଗାୟୀ ଖରସ୍ୱରଃ

ଗଧ ପରି ଗଳା ପାଇ ଯେ ଜନ
କରଇ ସର୍ବଦା ସଙ୍ଗୀତଗାନ
ମୂର୍ଖ ବୋଲି ତାକୁ ଭଷନ୍ତି ସର୍ବେ,
ଏକଥାକୁ କେବେ ନ ଭୁଲ ଲବେ ।

(୭୭)

ଭାର୍ଯ୍ୟାଭୟାନ୍ନିକ୍ଷିପ୍ତାର୍ଥୀ

ଭାର୍ଯ୍ୟା ଭୟରେ ଯେ ଆପଣା ଧନ
ଅଥବା ଧନର ବସ୍ତୁମାନ
ଗୋପନ ରଖେ, ସେ ଅଟଇ ମୂର୍ଖ,
ଏହି ବଚନଟି ମନରେ ରଖ ।

Digitized by srujan ka@gmail.com

(୭୮)

କାର୍ପଣ୍ୟେ ଖ୍ୟାପ୍ତପୂର୍ବଶଃ

ଅତଶଯ୍ୟ କୃପଣତା ବଶରେ
ସବୁଠି ଦୁର୍ନାମ କାଣେ ଯେ ନରେ
ତାହାକୁ ମୂର୍ଖ ବୋଲନ୍ତି ଜଗତେ,
ମନେ ରଖିଥିବ ଏହା ନରତେ ।

(୭୯)

ବ୍ୟକ୍ତଦୋଷଜନଶ୍ଳାଘୀ

ଯେ ଜନଦୋଷ ସବୁଙ୍କ ଆଗରେ
ପ୍ରଚୁର ଲଭନ୍ତି ଯାହା ସଂସାରେ
ଯେ କରଇ ସେହୁ ଜନ-ସୁଶ୍ୟାଘ,
ସର୍ବେ ତାହାକୁ ମୂର୍ଖ ବୋଲିଥାନ୍ତି ।

(୮୦)

ସଭାମଧ୍ୟାଦ୍ବିନିର୍ଗତଃ

ସଭାରେ ବସିଣ ଯେବଣ ଜନ
ସମସ୍ତ କାର୍ଯ୍ୟ ନୋହନ୍ତେଁ ଅବସାନ

Digitized by srujan ka@gmail.com

ସକଳ ସମକ୍ଷେ ଏଭ୍ର ତ୍ୟଜଇ
ଗଣ୍ଡମୂର୍ଖ ବୋଲି ତାହାକୁ କହ ।

(୮୧)

ଦୂତୋ ବିସ୍ମୃତସନ୍ଦେଶଃ

ନିର୍ଦ୍ଦିଷ୍ଟ ସ୍ଥାନେ ପହୁଞ୍ଚି ଯେ ଦୂତ
ଭୁଲିଯାଏ ଅଣିଥିବା ସଙ୍କେତ
ତାହାକୁ ମୂର୍ଖ ବୋଲନ୍ତି ସଂସାରେ,
ଏହି ନୀତି ସଦା ରଖ ମନରେ ।

(୮୨)

କାମବାଂଶ୍ଚୌରିକାରତଃ

ଯେବଣ ନର କାମରୋଗୀ ହୋଇ
ସ୍ୱନେ ହିନ୍ଦି ଯୋଗେ ସ୍ନେହ କରଇ
ଗଣ୍ଡମୂର୍ଖ ବୋଲି ତାକୁ ଜାଣିବ,
ଏ ନୀତି-ବାକ୍ୟ କେବେଁ ନ ଭୁଲିବ ।

Digitized by srujan ka@gmail.com

(୮୩)

ଭୂରିଭୋଜବ୍ୟୟୈଃ କୀର୍ତ୍ତିଃ

କେବଳ ସୁନାମ ହେବା ଆଶାରେ
ବଡ଼ ବଡ଼ ଭୋଜି ଦିଏ ଯେ ନରେ
ମୂର୍ଖ ବୋଲି ତାକୁ ଜାଣିବ ଭାଇ,
ଏ ନୀତି କେବେହେଁ ଭୁଲିବ ନାହିଁ ।

(୮୪)

ଶ୍ଲାଘାର୍ଥୈ ସ୍ୱଳ୍ପଭୋଜନଃ

ଖ୍ୟାତି ଗୌରବ ବଢ଼ିବ ନଜର,
ସ୍ୱଗୃହ ଯେ ଅତି ଅଳ୍ପ ଆହାର,
କରଇ, ତାକୁ ବୋଲି ଗଜମୂର୍ଖ,
ଏ ନୀତି-ବଚନ ମନରେ ରଖ ।

ଏହି ଶ୍ଲୋକରେ 'ଭୋଜ୍ୟ'ର ବିଶିଷ୍ଟ ଅର୍ଥ ନିଅଣ ଗ୍ରହଣ କରଯାଇଅଛି ଯେ ହେତୁ ନିଅଣ ଭଲ ହୋଇଥିଲେ ଲୋକେ ତାହା ବାରମ୍ବାର ମାଗିଥାନ୍ତି, କିନ୍ତୁ ଭୋଜ୍ୟର ସାଧାରଣ ଅର୍ଥ ଯେ କୌଣସି ସୁଖାଦ୍ୟ ଅଟେ ।

Digitized by srujan ka@gmail.com

(୮୫)

ସ୍ୱଳ୍ପେଭୋଜ୍ୟେଽତିରସିକଃ

ଅଳ୍ପ ହୋଇଅଛି ଯେଉଁ ଖଅଣ
ବାରମ୍ବାର ତାହା ମାଗେ ଯେ ଜନ
ମୂର୍ଖ ବୋଲି ତାକୁ ନିଶ୍ଚେ ଜାଣିବ
ଏହୁ ନୀତି ମାନ ସଦା ଚଳାବ ।

(୮୬)

ବିଷପ୍ତଣ୍ଣୁଦ୍ୱଗ୍ରୁଟୁଭିଃ

ଲୁକ୍କାୟିତ ଶତ୍ରୁବାକ୍ୟେ ଯେ ନର
ବିଷ୍ପ୍ରଚିତ୍ତ ହୋଇ ଆପଣାର
କର୍ତ୍ତବ୍ୟ ଭୁଲି ହୁଏ ପ୍ରତାରିତ
ମୂର୍ଖ ନାମରେ ସେ ସଦା କଥିତ ।

(୮୭)

ବେଶ୍ୟାବ୍ୟାପାରକଳହୀ

ବେଶ୍ୟାଘଟିତ ବିଷୟେ ଯେ ନରେ
ଜନ ଜନ ମଧ୍ୟେ ପ୍ରକାଶ୍ୟସ୍ଥଳେ
କଳହବାଦେ ହୁଅନ୍ତି ପ୍ରବୃତ୍ତ
ମୂର୍ଖନାମେ ସେ ସର୍ବଦା ବିଦିତ ।

Digitized by srujan ka@gmail.com

(୮୮)

ଦ୍ୱୟୋର୍ମନ୍ତ୍ରେ ତୃତୀୟକଃ

ଦୁଇଜଣ ଯେଉଁଠାରେ ବସିଣ
କରୁଥାନ୍ତି ପରାମର୍ଶ ଗୋପନ
ତହୁଁ ଉପସ୍ଥିତ ହୁଏ ଯେ ନର
ମୂର୍ଖ ବୋଲି ତାକୁ ମନେ ବସ୍ତୁର ।

(୮୯)

ରାଜପ୍ରସାଦେ ସ୍ଥିରଧୀଃ

ରାଜାଙ୍କଲେ ଅନୁଗ୍ରହ ପ୍ରକାଶ
ଯେ ଜନ ତାହା ନ ମାନିଣ ଲେଶ
ବସିଥାଏ ଧୀର ସ୍ଥିର ଚିତ୍ତରେ
ମୂର୍ଖ ବୋଲି ତାକୁ ଜାଣ ଲୋକରେ ।

(୯୦)

ଅନ୍ୟାୟେନ ବିବର୍ଦ୍ଧିଷ୍ଣୁଃ

କୌଣସି ଅନ୍ୟାୟ କର୍ମ୍ମ ଅଚର
ଯେହୁ ନନ୍ତ ଥାଏ ଅଶା କର
ମୂର୍ଖ ନାମରେ ସେ ହୁଏ ବଦନ୍ତ
ଏ ବାଣୀ ସୁମର ସର୍ବେ କହୁଛ ।

(୯୧)

ଅର୍ଥହୀନୋଽର୍ଥକାର୍ଯ୍ୟାର୍ଥୀ

ଅର୍ଥହୀନ ହୋଇ ଯେବଣ ନର
ବ୍ୟୟବହୁଳ କାର୍ଯ୍ୟେ ଅଗ୍ରସର
ହୁଅଇ, ବୋଲିବ ମୂର୍ଖ ତାହାକୁ
ନ ଭୁଲିବ କେବେଁ ଏହି କଥାକୁ ।

(୯୨)

ଜନେ ଗୁହ୍ୟପ୍ରକାଶକଃ

ଗୁପତ କଥା ପ୍ରକାଶେ ପ୍ରବୃତ
ନିଜ ତଥା ନିଜଜନ ଉପର
ଆଣେ ବିପଦ, ବୋଲି ତାକୁ ମୂର୍ଖ
ଏ ବାଣୀ ମନରେ ନିରତେ ରଖ ।

(୯୩)

ଅଜ୍ଞାତପ୍ରତିଭୂଃ କୀର୍ତ୍ତ୍ୟୈ

କେବଳ କୀରତି ଅବା ସୁନାମ
ହେବ ବୋଲି ଯେଉଁ ପୁରୁଷାଧମ
ଅଜ୍ଞାତ ବ୍ୟକ୍ତିର ହୁଏ ଜାମିନ
ମୂର୍ଖ ମଧ୍ୟେ ତାକୁ କର ଗଣନ ।

Digitized by srujan ka@gmail.com

(୯୪)

ହିତବାଦିନି ମନ୍ତ୍ରୀ

ହିତକଥା କହିବାକୁ ଆସିଲେ
ଯେ ଜନ ତାଠାରେ ଦ୍ୱେଷ ଆଚରେ,
ମୂର୍ଖ ନର ବୋଲି ଜାଣିବ ତାକୁ
କେବେ ନ ଭୁଲିବ ଏହି କଥାକୁ ।

(୯୫)

ସର୍ବତ୍ର ବିଶ୍ୱସ୍ତମନାଃ

ଯେ ସଦା ସକଳେ ବିଶ୍ୱାସ କରେ
ସରଳ ସ୍ୱଭାବ ଯେହୁ ଲୋକରେ
ନ ଚିହ୍ନଇ ସାଧୁ ଅସାଧୁ ଜନେ
କାର୍ଯ୍ୟ ଅକାର୍ଯ୍ୟ ପ୍ରଭେଦ ନ ଜାଣେ
ତାହାକୁ ମୂର୍ଖ ନର ବୋଲି କହି
ମନେ ରଖ ଏହି ନୀତିକି ଭାଇ !

(୯୬)

ନ ଲୋକବ୍ୟବହାରବିତ୍

ଲୋକ ବ୍ୟବହାର ନ ଜାଣେ ଯେହୁ
ମୂର୍ଖ ସମାଜେ ଗଣାହୁଏ ସେହୁ ।

Digitized by srujan ka@gmail.com

(୯୭)

ଭିକ୍ଷୁକଶ୍ଚୋଷ୍ଣଭୋଜୀ ଚ

ଭିକ୍ଷୁକ ହୋଇ ସଦା ଯେଉଁ ଜନ
କରିବାକୁ ଇଚ୍ଛେ ଉଷ୍ଣଭୋଜନ
ମୂର୍ଖ ନର ମଧ୍ୟେ ହୁଏ ସେ ଗଣା
ଜ୍ଞାନୀମାନଙ୍କର ଏହୁ ଧାରଣା ।

(୯୮)

ଗୁରୁଶ୍ଚ ଶିଥିଲକ୍ରିୟଃ

ଗୁରୁପଣ କରୁଥାଇ ଯେ ଜନ
କ୍ରିୟା ସଦାଶୁର କରୁ ବର୍ଜ୍ଜନ
ମୂର୍ଖ ବୋଲାଏ ସେ ସଦା ଲୋକରେ
ଏ ବାଣୀ ସ୍ମରଣ ରଖ ଚିତ୍ତରେ ।

(୯୯)

କୁକର୍ମ୍ମଣ୍ୟପି ନିର୍ଲ୍ଲଜ୍ଜଃ

କୁକର୍ମ୍ମ କରୁ ନାହିଁ ଯୋଉ ସାର
ନାର୍ଜ୍ଜ କି ପରୁ ପ୍ରଶଂସା ଛାଡ଼ିବ
କରଇ ଯେତକ ତାକୁ ଏ ଭୂତଳେ
ମୂର୍ଖ ବୋଲି ସଦା ଗଣିବ ହେଲେ ।

Digitized by srujan ka@gmail.com

(୧୦୦)

ସ୍ୟାନ୍ମୂର୍ଖଶ୍ଚ ସହାସଗୀଃ

ଅହ୍ଲାଦେ ଗୋପାଳ ପଢ଼ ଯେ ଜନ
ସଦା ଅଟ୍ଟହାସେ ଭାଷେ ବଚନ
ସଭ୍ୟସମାଜେ ତାଙ୍କୁ ଗଣ୍ଡମୂର୍ଖ
ବୋଲିଥାନ୍ତି ସଦା ସକଳ ଲୋକ ।

ସମାପ୍ତ

Printed by K. C. Mohanty.
The Cuttack Printing Company Limited.—1932.

Digitized by srujan ka@gmail.com

ଶିଶୁବୋଧ ଗ୍ରନ୍ଥମାଳା

ଛୋଟ ପିଲାମାନଙ୍କ ପାଇଁ ଅତି ଉପଦେଶ୍ୟ ପୁସ୍ତକ

୧ ।	ବାଦୁର	ଶ୍ରୀ ବ୍ରଜକିଶୋର ମହାପାତ୍ର	ଟ ୦।
୨ ।	ସର୍ପଯଜ୍ଞ	ଶ୍ରୀ ବଳଦେବ ମିଶ୍ର	ଟ ୦।
୩ ।	ବଭ୍ରୁବାହନ	ଶ୍ରୀ ଭଗୀରଥି ମହାପାତ୍ର	ଟ ୦।
୪ ।	ଗୟାସୁର	,,	ଟ ୦।
୫ ।	ଅଲିବାବା	ଉଦୟନାଥ ଷଡ଼ଙ୍ଗୀ	ଟ ୦।୵
୬ ।	ମୂର୍ଖଶତକ	ଶ୍ରୀ ରାଧାଚରଣ ମହାପାତ୍ର	ଟ ୦୷
୭ ।	ନାଗାର୍ଜୁନ	(ଯନ୍ତ୍ରସ୍ଥ)	

ପ୍ରକାଶକ ଓ ପ୍ରାପ୍ତିସ୍ଥାନ
ଉତ୍କଳ ବୁକ୍ କମ୍ପାନୀ
ଚଉଧୁରୀ ବଜାର
କଟକ

Digitized by srujan ka@gmail.com